# ମୁହଁ ଫେରାଇଲେଣି ରୋଗୀ

ବାସୁଦେବପୁର,୧୭।୧୧
(ନାରାୟଣ ପ୍ରସାଦ ବାରିକ୍)

**ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଖାଲି ପଡ଼ିଛି ୧୪ ଡାକ୍ତର ପଦବୀ
- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦିନକୁ ଦିନ ସମସ୍ୟାବହୁଳ ହୋଇପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଛାଡ଼ି ଦେଲେ ଜିଲାରେ ଥିବା ଅନ୍ୟ ଡାକ୍ତରଖାନା ତୁଳନାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସର୍ବାଧିକ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଡାକ୍ତରଖାନାରେ ୧୪ ଡାକ୍ତର ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଥିବାରୁ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଏବେ ରୋଗୀମାନେ ଏହି ଡାକ୍ତରଖାନାରୁ ମୁହଁ ଫେରାଇବାକୁ ଲାଗିଲେଣି।

ବର୍ତ୍ତମାନ ଶିଶୁ ବିଶେଷଜ୍ଞ ଡା. ସୁଶାନ୍ତ କୁମାର ସାମନ୍ତ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ, ଜଣେ ସର୍ଜରୀ ଡାକ୍ତର, ଦାନ୍ତ ଡାକ୍ତର ଓ ଅନ୍ୟ ଦୁଇଜଣ ଡାକ୍ତର ସ୍ଥାୟୀ ଭାବେ ଏଠାରେ କାର୍ଯ୍ୟରତ ଅଛନ୍ତି। ପ୍ରତିଦିନ ଶତାଧିକ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ସମସ୍ୟାକୁ ଉପଲବ୍ଧି କରି ଇରମ, ମନ୍ଦାରୀ, ବେତଡ଼ା, ବଇଁଚା, ନାୟକାଣିଡିହୀ, ବାଲିମେଦ, ଏଡ଼ତାଳ, ବାରାପୁର ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କୁ ପର୍ଯ୍ୟାୟକ୍ରମେ ବାସୁଦେବପୁର ଡାକ୍ତରଖାନାରେ ଡ୍ୟୁଟିରେ ଲଗାଯାଉଛି। ଫଳରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବାସୁଦେବପୁର ଡାକ୍ତରଖାନାରେ କାର୍ଯ୍ୟରତ ଆୟୁଷ ଡାକ୍ତର ଓ ଅନ୍ୟ ଡାକ୍ତରଖାନାରେ କାର୍ଯ୍ୟରତ କେତେକ ଆୟୁଷ ଡାକ୍ତରଙ୍କୁ ମଧ୍ୟ ଆୟୁଷ ଚିକିତ୍ସା ଛାଡ଼ି ଆଉଟ୍‌ଡୋରରେ ରୋଗୀ ଦେଖିବାକୁ ନିୟୋଜିତ କରାଯାଉଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଆୟୁଷ ଓ ପିଡିରୁମ୍‌ରେ ରୋଗୀ ଦେଖିବାର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ବ୍ୟତିକ୍ରମ ଦେଖାଯାଇଛି। ବାସୁଦେବପୁର




ଡାକ୍ତରଖାନାରେ ଡାକ୍ତର ଅଭାବ ପ୍ରସଙ୍ଗ ୨ ମାସ ତଳେ ରୋଗୀ କଲ୍ୟାଣ ସମିତି ବୈଠକରେ ଉଠିଥିଲା। ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି ରଖିବେ ବୋଲି ସ୍ଥାନୀୟ ବିଧାୟକ ଅଶୋକ କୁମାର ଦାସ ପ୍ରତିଶ୍ରୁତି ଦେଇଥିଲେ। ନିକଟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଡାକ୍ତରଖାନାରେ ଡାକ୍ତରଙ୍କ ନିଯୁକ୍ତି ହୋଇଥିବା ବେଳେ ଗୋଟିଏ ବି ଡାକ୍ତର ବାସୁଦେବପୁର ଡାକ୍ତରଖାନାରେ ନିଯୁକ୍ତି ପାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ସାମନ୍ତ କହିଛନ୍ତି, ଏହି ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ରୋଗୀ ସେବା ଯୋଗାଇବାରେ ସମସ୍ୟା ଦେଖାଦେଉଛି। ଡାକ୍ତର ଅଭାବ ସମ୍ପର୍କରେ ସିଡିଏମ୍‌ଓଙ୍କୁ ଅବଗତ କରାଯାଇଛି। ସିଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳଙ୍କୁ ପଚାରିବାରୁ କହିଥିଲେ, ବାସୁଦେବପୁର ଡାକ୍ତରଖାନାର ଡାକ୍ତର ଅଭାବ ସମସ୍ୟା ବାବଦରେ ସେ ଅବଗତ ଅଛନ୍ତି। କେଉଁ ବିଭାଗର ଡାକ୍ତର ପଦବୀ କେତେଦିନ ଧରି ଖାଲି ଅଛି, ସେ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ଏକ ରିପୋର୍ଟ ନେଇ ଏ ଦିଗରେ ପଦକ୍ଷେପ ନେବେ। ସ୍ଥାନୀୟ ବିଧାୟକଙ୍କୁ ପଚାରିବାରୁ ଏଠାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ସେ ବିଧାନସଭାରେ ପ୍ରଶ୍ନ ଉଠାଇବା ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ନେଇଥିଲେ। କାହିଁକି ଏଠାରେ ଡାକ୍ତର ପଦବୀ ପୂରଣ ହେଲାନାହିଁ, ତାହା ତାଙ୍କୁ ବିସ୍ମିତ କରିଛି ବୋଲି କହିବା ସହ ଏନେଇ ସେ ଦାବିକୁ ଅଧିକ ତୀବ୍ର କରିବେ ବୋଲି କହିଛନ୍ତି। ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ ବାସୁଦେବପୁରକୁ ଏକ ଘରୋଇ ଚିକିତ୍ସାଳୟ ଉଦ୍‌ଘାଟନ କରିବାକୁ ଆସିଥିବା ବେଳେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବାସୁଦେବପୁର ଡାକ୍ତରଖାନାର ଡାକ୍ତର ଅଭାବଜନିତ ସମସ୍ୟା ତାଙ୍କ ନଜରରେ ଅଛି। ଖୁବ୍‌ଶୀଘ୍ର ଏ ଅଞ୍ଚଳର ଲୋକଙ୍କ ଦାବିକୁ ଗୁରୁତ୍ୱ ଦିଆଯାଇ ଡାକ୍ତର ପଦବୀ ପୂରଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ।

## 'ସତ୍ୟ, ତଥ୍ୟଭିତ୍ତିକ ଖବର ପରିବେଷଣ କରୁଛି ଧରିତ୍ରୀ'




ଧରିତ୍ରୀ ଷ୍ଟଲ୍‌ରେ ପରିଦର୍ଶନ କରିବାକୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ।

ଭଦ୍ରକ,୧୭।୧୧(ସନାତନ ରାଉତ)

**ଭଦ୍ରକ ପୁସ୍ତକ ମେଳାରେ ଷ୍ଟଲ୍ ପରିଦର୍ଶନ**

ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣ କରିବାରେ ଧରିତ୍ରୀ ଖବରକାଗଜ ଗୁରୁତ୍ୱ ଦେଉଛି ବୋଲି ୨୪ତମ ଭଦ୍ରକ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ରବିବାର ବହୁ ବିଶିଷ୍ଟ ବ୍ୟକ୍ତି ଧରିତ୍ରୀ ଷ୍ଟଲ୍ ପରିଦର୍ଶନ କରିବା ଅବସରରେ କହିଛନ୍ତି। ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାରେ ହୋଇଥିବା ଏହି ଷ୍ଟଲ୍‌ରେ ସେମାନେ ଧରିତ୍ରୀ ଖବରକାଗଜ ପଢ଼ିଥିଲେ। ଭଦ୍ରକ ମହିଳା କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଭୟ କୁମାର ଦାସ, ଆଇନଜୀବୀ ଗଦାଧର ବଳ, ପୂର୍ବତନ କାଉନସିଲର ପଙ୍କଜ ବଳ, ଅବସରପ୍ରାପ୍ତ ଇଂ. ଅଖିଳ ପାଢ଼ୀ, ଅବସରପ୍ରାପ୍ତ କୃଷି ଅଧିକାରୀ ରମେଶ ରାୟ, ଦିଲୀପ ଖୁଣ୍ଟିଆ, ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକ, ସମ୍ପାଦକ ରୂପକ ବିହାରୀ ରାୟ ପ୍ରମୁଖ ଷ୍ଟଲ୍ ପରିଦର୍ଶନ କରି ଧରିତ୍ରୀର ପ୍ରକାଶିତ ବିଶେଷାଙ୍କ ପଢ଼ିବା ସହ ସମୀକ୍ଷା କରିଥିଲେ। ଧରିତ୍ରୀ ଆଜି ପର୍ଯ୍ୟନ୍ତ ତାହାର ମାନ ବଜାୟ ରଖିଛି ବୋଲି କହିଥିଲେ।

## ରୌପ୍ୟ ଜୟନ୍ତୀରେ ସାଂସ୍କୃତିକ ପ୍ରତିଯୋଗିତା

ଭଦ୍ରକ, ୧୭।୧୧ (ରବିନାରାୟଣ ଖିଲାର)

ଭଦ୍ରକ ରାନ୍ଦିଆର ରାମେଶ୍ୱର ମନ୍ଦିରଠାରେ ବିମଳ ନାଟ୍ୟ ସଂସଦ ପକ୍ଷରୁ ରୌପ୍ୟ ଜୟନ୍ତୀ ଅବସରରେ ଦୁଇଦିନବ୍ୟାପୀ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରମାକାନ୍ତ ଗାହାଣଙ୍କ ସଭାପତିତ୍ୱ ଓ ସମ୍ପାଦକ ଗୌରାଙ୍ଗ ବାରିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ନାୟକ, ନାରୀନେତ୍ରୀ ଦେବୀଦତ୍ତା ମହାନ୍ତି, ଖବରଦାତା ନରେନ୍ଦ୍ର ସାମଲ, ଆଇନଜୀବୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ପୁହାଣ, ପ୍ରାକ୍ତନ ସମିତିସଭ୍ୟ ଅଜୟ ମହାପାତ୍ର, ସାମାଜିକ କର୍ମୀ ସ୍ୱର୍ଣ୍ଣଲତା ମହାପାତ୍ର, ସଂଗୀତ ନିର୍ଦ୍ଦେଶକ ସୁମତି ପଣ୍ଡା, ପାଲାଗାୟକ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ହେଉଛି ସାରସ୍ୱତର ମାଟି। କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଭଦ୍ରକ ସବୁଠୁ ଆଗରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଗୀତ ଓ ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ବନ୍ଦନା ପ୍ରିୟଦର୍ଶିନୀ ଜେନା। ବିଚାରକ ଭାବେ ସୁବାସ ଚନ୍ଦ୍ର ମଲ୍ଲିକ, ବିଜୟ ବହଳି, ନାରାୟଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ପ୍ରତିଯୋଗୀମାନେ ଚିତ୍ରାଙ୍କନ କରୁଛନ୍ତି।

ଧାମନଗର,୧୭।୧୧(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଚୁଡ଼ାକୁଟି ସରସ୍ୱତୀ ଶିଶୁମନ୍ଦିର ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଦ୍ୱାରା ସଂସ୍ଥାପିତ, ପରିଚାଳିତ ଉତ୍କଳକଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିର, ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ମୋଟ ୨୧୯ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ପରୀକ୍ଷା କେନ୍ଦ୍ରର ସଂଯୋଜକ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଗୋପାଳ ଚରଣ ସାମଲଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଇନ୍ଦ୍ରଗୋବିନ୍ଦ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ଦେବେନ୍ଦ୍ର କୁମାର କବି ଓ ମୁଖ୍ୟଅତିଥି ଭାବେ ଧାମନଗର ପ୍ରେସ୍ କ୍ଲବର ଖବରଦାତା ସୁଧାକର ଦାଶ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ସୁଶାନ୍ତ କୁମାର ରାଉତ, ଶିଶୁମନ୍ଦିରର ସଭାପତି ଜୟନ୍ତ କୁମାର ସାହୁ, ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ପଙ୍କଜ କୁମାର ଦାସ, ଖବରଦାତା ନୀହାର ରଞ୍ଜନ ଦାସ ଏବଂ ପ୍ରତିଯୋଗିତା ପରିଚାଳକ ଭାବେ ଶିଶୁମନ୍ଦିର ପ୍ରତିଷ୍ଠାତା ଖବରଦାତା ବିବେକାନନ୍ଦ ପଣ୍ଡା ଯୋଗ ଦେଇଥିଲେ। ସହଯୋଗୀ ସତ୍ୟରଞ୍ଜନ ବେହେରା, ଆକାଶ ସାମଲ, ସ୍ୱୟଂମ୍ଭୂ ପ୍ରସାଦ ଦାସ, ବୃନ୍ଦାବନ ସାହୁ, ସତ୍ୟପ୍ରିୟ ବେହେରା, ଆଶିଷ ଗାହାଣ, ଶିବବ୍ରତ ପଣ୍ଡା, ଉଦୟକର ବେହେରା, ଖବରଦାତା ଫିରୋଜ ଶାହା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁଜୀ ସଞ୍ଜୟ କୁମାର ସେଠୀ, ଗୁରୁମା ମାମିନାରାଣୀ ପାଲ, ଗୋପିକା ରାଣୀ ଦେ, ପ୍ରମିଳା ବେହେରା, ପ୍ରୀତିଜିନ୍ତା ମହାପାତ୍ର, ଲିଜାରାଣୀ ସାହୁ, ସରିତା ନାୟକ, ପ୍ରିୟଙ୍କା ସାହୁ, ଜୟଶ୍ରୀ ବେହେରା ପ୍ରମୁଖ ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ପୃଥିବୀ ପାଇଁ ଭଲ ସମୟ ଆସିବାର ପ୍ରସ୍ତୁତି ଚାଲିଛି'

ଭଦ୍ରକ,୧୭।୧୧(ସନାତନ ରାଉତ)

ବ୍ୟକ୍ତି ଜୀବନରେ ଏପରି କିଛି ଘଟଣା ଘଟିଥାଏ, ଯାହାଦ୍ୱାରା ସେ ଆଗାମୀ ଦିନର ସଙ୍କେତ ପ୍ରାପ୍ତ ହୋଇଥାଏ। ସେହିପରି ସମାଜ ଓ ରାଷ୍ଟ୍ର ଜୀବନଠାରୁ ଆରମ୍ଭ କରି ସମଗ୍ର ପୃଥିବୀରେ କିଛି ଘଟଣାବଳୀରୁ ଆମେ ଆଗାମୀ ସମୟର ସୂଚନା ପାଇବାକୁ ଯାଉଛୁ। ଆଗାମୀ ଦିନରେ ସକଳ ଦୁଃଖ ଦୁର୍ଦ୍ଦଶା ଦୂର ହେବା ସହ ପୃଥିବୀ ପାଇଁ ଭଲ ସମୟ ଆସିବାର ପ୍ରସ୍ତୁତି ଚାଲିଛି। ସମସ୍ତେ ଈଶ୍ୱରୀୟ ସତ୍ତାର ଉପଲବ୍ଧି କରିବେ ଓ ଜଗତରେ ନିଶ୍ଚୟ ସତ୍ୟର ଆଲୋକ ଉଦ୍ଭାସିତ ହେବ ବୋଲି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗିନୀ ଭଉଣୀ ଓ ରାଜଯୋଗୀ ଭାଇ ମତବ୍ୟକ୍ତ କରିଛନ୍ତି। ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ଭଦ୍ରକ ପୁସ୍ତକ ମେଳାର ୨ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମାକୁମାର ରାଜଯୋଗୀ ନାରାୟଣ, ମୁଖ୍ୟବକ୍ତା ବ୍ରହ୍ମାକୁମାରୀ ରାଜଯୋଗିନୀ ସସ୍ମିତା ଓ ଅନ୍ୟତମ ଅତିଥି ଭାବେ ରାଜଯୋଗୀ ବ୍ରହ୍ମାକୁମାର ସୌଭାଗ୍ୟ ଯୋଗଦେଇ ଜୀବନ ଦର୍ଶନର ସ୍ୱରୂପ ଉପରେ କହିଥିଲେ।

ଇଂ.ଅଖିଳ ମୋହନ ପାଢ଼ୀ ସଭାପତିତ୍ୱ କରିଥିବା ବେଳେ କମିଟି ସଭାପତି ଅଜୟ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ନୃତ୍ୟଶିଳ୍ପୀ ଅର୍ପିତା ପ୍ରାରମ୍ଭିକ ନୃତ୍ୟ ଓ କଣ୍ଠଶିଳ୍ପୀ ପ୍ରତିମା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ସୁଧାକର ରାଉତ, ବୈକୁଣ୍ଠ ବିଶ୍ୱାଳ, ରତ୍ନରାଜ ଦାସ, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

## ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ




ଧାମନଗର, ୧୭।୧୧ (ଦେବେନ୍ଦ୍ର ଆନ୍ଦିଆ)–ଧାମନଗର ବ୍ଲକ ଷେଣ୍ଢପୁର ହାଇସ୍କୁଲ ପରିସରରେ ୧୯୮୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଦେବକୁମାର ରାଉତରାଏ ସଭାପତିତ୍ୱ କରିଥିଲେ। ଶିକ୍ଷକ ବେଣୁଧର ସାହୁ, ଦାମୋଦର ସୂତାର, ପଣ୍ଡିତ ଘନଶ୍ୟାମ ଦାସ, ହୃଦାନନ୍ଦ କର, ରବୀନ୍ଦ୍ର ମଲ୍ଲିକ, ପ୍ରିୟରଞ୍ଜନ ସାମଲ, ମୁରଲୀଧର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ର ନୃସିଂହ ଚରଣ ନାୟକ, ଅଞ୍ଜନ କୁମାର ସାହୁ, ବିନୋଦ ବିହାରୀ ମିଶ୍ର, ରାଜୀବ ଲୋଚନ ହାଜାରା, ହୃଷୀକେଶ ପାଗଳ, ରାଧାକାନ୍ତ ସାହୁ, ମନ୍ଦାକିନୀ ଦେବତା, ସମିତା ଦାସ, ନିରୂପମା ପତି, ବିପ୍ଲବ ବେହେରା, ଗିରିଧାରୀ ନାଥ, ଅର୍ଜୁନ ନାୟକ, ମହେଶ୍ୱର ପୃଷ୍ଟି, ପ୍ରଶାନ୍ତ ପୃଷ୍ଟି, ଚିତ୍ତରଞ୍ଜନ ଦାସ, ସନ୍ତୋଷ ବେହେରା, ଦେବେନ୍ଦ୍ର ସେଠୀ, କୈଳାସ ତରାଇ, ମନ୍ମଥ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀ ମୃତ

ତିହିଡ଼ି/ବାସୁଦେବପୁର,୧୭।୧୧
(ସଞ୍ଜିତ୍ ବଳ/ ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତର ଏକତାଳ ଗ୍ରାମରେ ରବିବାର ଅପରାହ୍ନରେ କୁକୁଡ଼ା ଫାର୍ମରେ ବିଦ୍ୟୁତ୍ ଆଘାତ ଲାଗିଥିବା ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁକୁଡ଼ା ଚାଷୀ ସୀତାକାନ୍ତ ଦାସ(୬୦)। ଏଥିସହ ବିଦ୍ୟୁତ୍ ଆଘାତରେ ତାଙ୍କ ସ୍ତ୍ରୀ ଓ ଝିଆରୀ ଗୁରୁତର ହୋଇଥିବା ବେଳେ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ସୀତାକାନ୍ତଙ୍କ ଘର ପାଖରେ ଥିବା ନିଜ କୁକୁଡ଼ା ଫାର୍ମକୁ ସ୍ତ୍ରୀ ସତ୍ୟଭାମା ଦାସ ଯାଇଥିଲେ। ସେହି ସମୟରେ ଫାର୍ମରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସୀତାକାନ୍ତ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇପଡ଼ିଥିଲେ। ଏଥିସହ ତାଙ୍କ ସହ ଯାଇଥିବା ଝିଆରୀ ଶୁଚିସ୍ମିତା ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ସୀତାକାନ୍ତଙ୍କୁ ପ୍ରଥମେ ବାଲିମେଦ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମଦ ନ ଦେବାରୁ ହୋଟେଲ କର୍ମଚାରୀଙ୍କୁ ମାଡ଼

ଭଦ୍ରକ,୧୭।୧୧(ସନାତନ ରାଉତ)

ଭଦ୍ରକ ଟାଉନ ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ମଦ ନ ଦେବାରୁ ଏକ ହୋଟେଲ କର୍ମଚାରୀଙ୍କୁ ୪ ଯୁବକ ମାଡ଼ ମାରିଛନ୍ତି। ଜାତୀୟ ରାଜପଥ କଡ଼ରେ ଥିବା ଭଦ୍ରକ ସହରର ପଞ୍ଛିକା ହୋଟେଲ କର୍ମଚାରୀ ରଞ୍ଜିତ ଜେନା ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ତାଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୭୨୭/୨୪) ରୁଜୁ କରାଯାଇଛି। ରଞ୍ଜିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଶନିବାର ରାତି ପ୍ରାୟ ୧୧ଟା ପରେ ସେ ହୋଟେଲ ଗେଟ୍ ବନ୍ଦ କରୁଥିଲେ। ଏହି ସମୟରେ ୪ ଯୁବକ ଆସି ତାଙ୍କୁ ମଦ ମାଗିଥିଲେ। ହୋଟେଲ ବନ୍ଦ ହୋଇସାରି ଥିବାରୁ ମଦ ମିଳିବ ନାହିଁ ବୋଲି ସେ କହିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଘଟଣାର ତଦନ୍ତ ଚାଲିଥିବା ଟାଉନ ଥାନା ସବ୍ ଇନ୍ସପେକ୍ଟର ରୋଜେନ ମୁର୍ମୁ କହିଛନ୍ତି।

## ନିଜ ସୃଷ୍ଟିରେ ଥାଏ କବିଙ୍କ ମାର୍ମିକ ପ୍ରତିଛବି



କବି ସ୍ୱର୍ଗତ ନୀଳମଣି ପ୍ରଧାନଙ୍କ ସ୍ମୃତିସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ତିହିଡ଼ି,୧୭।୧୧(ସଞ୍ଜିତ ବଳ)

କବି ଆଜୀବନ ନିଜ ସୃଷ୍ଟିରେ ନିମଗ୍ନ ଥାଆନ୍ତି। ସେହି କାବ୍ୟ କବିତାରେ କବିଙ୍କ ମାର୍ମିକ ପ୍ରତିଛବି ଥାଏ ବୋଲି କବି ସ୍ୱର୍ଗତ ନୀଳମଣି ପ୍ରଧାନଙ୍କ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ଗ୍ରାମରେ କବି ସ୍ୱର୍ଗତ ପ୍ରଧାନଙ୍କ ୧ମ ବାର୍ଷିକ ଶ୍ରାଦ୍ଧ ଅବସରରେ ବରିଷ୍ଠ କବି ଦୀନବନ୍ଧୁ ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବେ ପ୍ରାବନ୍ଧିକ ଡ. ବିଶ୍ୱରଞ୍ଜନ ଦାସ, ଇଂ. ଅଭୟ ସୂତାର, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି, ପୂର୍ବତନ ସରପଞ୍ଚ ବସନ୍ତ କୁମାର ପତି, ଶିକ୍ଷାବିତ୍ ଯାମିନୀ ମୋହନ ପାଢ଼ୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

ଏହି ଅବସରରେ ଅତିଥିମାନେ ସ୍ମରଣିକା 'ଇନ୍ଦ୍ର ନୀଳମଣି'କୁ ଉନ୍ମୋଚନ କରିଥିଲେ। କବି ରବି କୁମାର ମହାନ୍ତିଙ୍କ ସଂଯୋଜନାରେ କବି କୃପାସିନ୍ଧୁ ମହାନ୍ତି, ବିପ୍ଳବ ରଞ୍ଜନ ପତି, ବାବୁରାମ ରାଉତ, ବୈକୁଣ୍ଠନାଥ ଓଝା, ରୀନାରାଣୀ ପାତ୍ର, ଗୋଲକ ପ୍ରସାଦ ବୈୟାରୀ, ଅଭୟ କୁମାର ଦାସ, ମୁକୁନ୍ଦଦେବ ନାୟକ, ଶଶୀକାନ୍ତ ବେହେରା, ଶେଖ୍ ଅବଦୁଲ ଦୟାନ, ନରହରି ନାୟକ, ରୁବିଲତା ଦାସ ପ୍ରମୁଖ କବିତା ପଢ଼ିଥିଲେ। ପୂର୍ବତନ ସରପଞ୍ଚ କମଳାକାନ୍ତ ସ୍ୱାଇଁ, ସମିତିସଭ୍ୟ ଚିନ୍ତାମଣି ଦାସ, ପି. ହୃଷୀକେଶ, ଗୋପବନ୍ଧୁ ମହଲା, ନୀଳମାଧବ ସେନାପତି, କୈଳାଶ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ। କବି ନିରଞ୍ଜନ ବାରିକ, ସୁଜିତ ପ୍ରଧାନ, ବିସ୍ମୟ ବିହାରୀ ସାହୁ, ସୁବ୍ରତ ମିଶ୍ର, ତପନ ହାତୀ, ସୌମିତ୍ର ପ୍ରଧାନ, ସୁଶୀଳା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୋରୁ ଚୋରି: ବାପ, ପୁଅଙ୍କ ସମେତ ୪ ଗିରଫ

ଭଣ୍ଡାରିପୋଖରୀ,୧୭।୧୧(ରାଜେନ୍ଦ୍ର ଶତପଥୀ); ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଗୋରୁ ଚୋରି ଅଭିଯୋଗରେ ବାପ, ପୁଅଙ୍କ ସମେତ ୪ଜଣ ଗିରଫ ହୋଇଛନ୍ତି। ରବିବାର ପୂର୍ବାହ୍ନରେ ରହଣିଆ ଗ୍ରାମରୁ ଗୋରୁ ଚୋରିକରି ଦୋବଳ ନିଆଯାଉଥିଲା। ରହଣିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତାରେ ଗୋରୁଙ୍କୁ ଚଲାଇ ଚଲାଇ ନିଆଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଶ୍ରୀରାମ ସେନା ଯୁବକମାନେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପାଟ୍ରୋଲିଂ ପୋଲିସ ପହଞ୍ଚି ଗୋରୁ କ୍ରୟ ସଂକ୍ରାନ୍ତୀୟ କାଗଜପତ୍ର ଦେଖାଇ ନ ପାରିବାରୁ ମୁସ୍ତାଫାପୁର ଗ୍ରାମର ଶେଖ୍ ମୁଜାଫର ହୋସେନ ଓ ତାଙ୍କ ପୁଅ ମହେଶ୍ୱର ହୋସେନଙ୍କୁ ଗିରଫ କରିଥିଲା। ୪ ଗୋରୁଙ୍କୁ ଉଦ୍ଧାର କରି ପୋଲିସ ଗୋଶାଳାକୁ ପଠାଇଛି। ସବ୍‌ଇନ୍ସପେକ୍ଟର ଇଭାରାଣୀ ପରିଡ଼ାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୪୮୦/୨୪) ରୁଜୁ କରାଯାଇଛି। ଅପରାହ୍ନରେ ଉକ୍ତ ସ୍ଥାନରୁ ଶ୍ରୀରାମ ସେନା ଯୁବକଙ୍କ ଦ୍ୱାରା ଅଟକ ଚୋରା ଗୋରୁ ବେପାରୀ ଶେଖ୍ ରମଜାନ ଓ ଶେଖ୍ ସମିରୁଦ୍ଦିନଙ୍କୁ ପୋଲିସ ଗିରଫ କରିଛି। ୪ ଗୋରୁ ଉଦ୍ଧାର କରାଯାଇଥିଲା। ଥାନାରେ ମାମଲା(ନଂ. ୪୮୧/୨୪) ରୁଜୁ ହୋଇଛି।

## ଶିଶୁଙ୍କ ମଧ୍ୟରେ ରହିଛି ଅନେକ ସମ୍ଭାବନା

ଭଦ୍ରକ,୧୭।୧୧(ସନାତନ ରାଉତ)



ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ବାର୍ଷିକୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ଶିଶୁମାନଙ୍କ ମଧ୍ୟରେ ଅନେକ ସମ୍ଭାବନା ରହିଛି। ଭବିଷ୍ୟତରେ ଏମାନେ ବଡ଼ ପଦ ପଦବୀରେ ଅଧିଷ୍ଠିତ ହେବେ ବୋଲି ବନ୍ତ ବ୍ଲକ ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଶିବପ୍ରସାଦ ଖାମୁରାଇ ଯୋଗଦେଇ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଯେତିକି ଦାୟିତ୍ୱ ଅଛି, ମା' ବାପାଙ୍କର ମଧ୍ୟ ସେତିକି ଦାୟିତ୍ୱ ଅଛି ବୋଲି କହିଥିଲେ।

ସ୍ୱତନ୍ତ୍ର ଅତିଥି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ମୀନାକୁମାରୀ ଜେନା, ଶିକ୍ଷାବିତ୍ ରବିନାରାୟଣ ମହାପାତ୍ର, ସାହିତ୍ୟିକ ଚତୁର୍ଭୁଜ ପହି, ହରିହର ପାଣିଗ୍ରାହୀ, ବେସରକାରୀ ସ୍କୁଲ ସଂଘର ଜିଲା ସଭାପତି ଅଶୋକ ମହାନ୍ତି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦାସ, ହୃଷୀକେଶ ମିଶ୍ର, ସାହିତ୍ୟିକ କୀର୍ତ୍ତନ ବିହାରୀ ନାୟକ, ସିଆର୍‌ସିସି ଗୌତମ ଭୂୟାଁ, ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସେଠୀ, ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷକ ଜଗନ୍ନାଥ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ସ୍କୁଲ ଅଧ୍ୟକ୍ଷ ହରିହର ଜେନା ସ୍ୱାଗତ ଭାଷଣ ପ୍ରଦାନ, ଶିକ୍ଷୟିତ୍ରୀ ପୁଷ୍ପା ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନା ଅତିଥି ପରିଚୟ ଦେଇଥିଲେ। ନୃତ୍ୟଗୁରୁ ଗୟାଧର ଜେନାଙ୍କ ନିର୍ଦ୍ଦେଶନାରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ବଡ଼ ବଡ଼ ପଦବୀରେ କାର୍ଯ୍ୟରତ ଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକ ଆଶ୍ୱାସୀ ରାଉତ, ରଶ୍ମୀରେଖା ପାତ୍ର, ଦେବୀଚନ୍ଦ୍ରିକା ନାୟକ, ସ୍ୱର୍ଣ୍ଣଲତା ଧଳ, ତପସ୍ୱିନୀ ଜେନା ଓ ଶ୍ରୀଧର ସେଠୀ ସହଯୋଗ କରିଥିବା ବେଳେ କାଶୀନାଥ ଆଇଚ ଧନ୍ୟବାଦ ଦେଇଥିଲେ।

## ସିପିଏମ୍ ଆଞ୍ଚଳିକ କମିଟିର ସମ୍ମିଳନୀ

ଖଇରା,୧୭।୧୧(ଉତ୍କଳବନ୍ଧୁ ପଣ୍ଡା)- ସିପିଏମ୍ ଖଇରା ଶାଖା ଆଞ୍ଚଳିକ କମିଟିର ୧୧ତମ ସମ୍ମିଳନୀ ଖଇରା ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁରଲୀଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ସମ୍ପାଦକ ଶିଶିର ହୁଇ, ଜିଲା କମିଟି ସଭ୍ୟ ଜଗତାନନ୍ଦ ମହାପାତ୍ର ଓ ରାଜ୍ୟ ଓ ଜିଲା କମିଟି ସଦସ୍ୟମାନେ ଯୋଗଦେଇ ସଙ୍ଗଠନ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ଦଳର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ନୂତନ କମିଟି ଗଠନ କରାଯାଇଥିଲା। କମିଟିର ସମ୍ପାଦକ ଭାବେ ମୁରଲୀଧର ବେହେରା,ସଭ୍ୟ ଭାବେ ଉତ୍ତମ ଦାସ, ସୁଲୋଚନା ପରିଡା, ବିଜୟ କୁମାର ମହାପାତ୍ର, ପ୍ରଶାନ୍ତ ପରିଡାଙ୍କୁ ମନୋନୀତ କରାଯାଇଥିଲା। ଭଗବାନ ଦାସ ଓ ପ୍ରଶାନ୍ତ ବାରିକଙ୍କୁ ନିମନ୍ତ୍ରିତ ସଭ୍ୟ ଦାୟିତ୍ୱରେ ରଖାଯାଇଥିଲା।

# ‘ସଂସ୍କାର ନ ଥିଲେ ମଣିଷ ବିପଥଗାମୀ ହୁଏ’

### ଗଡ଼ପୋଖରୀ ୟୁପି ସ୍କୁଲର ବାର୍ଷିକୋତ୍ସବ

ଖଇରା,୧୭।୧୧(ଉତ୍କଳବନ୍ଧୁ ପଣ୍ଡା)

ବର୍ତ୍ତମାନ ମୋବାଇଲ ଓ ଇଣ୍ଟରନେଟ ଯୁଗରେ ପିଲାମାନେ ଏଥିରୁ ଭଲ ଅପେକ୍ଷା ଖରାପକୁ ଅଧିକ ଗ୍ରହଣ କରୁଛନ୍ତି। ଏଣୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାଙ୍କୁ ପାଠପଢ଼ା ସହ ତାର ସଂସ୍କାର ଉପରେ ଗୁରୁତ୍ୱ ଦେବା ଉଚିତ। ସଂସ୍କାର ନଥିଲେ ମଣିଷ ବିପଥଗାମୀ ହେବାକୁ ବେଶୀ ସମୟ ଲାଗେ ନାହିଁ ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡ଼ପୋଖରୀ ସ୍କୁଲର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ


ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଆୟୋଜିତ ସଭାରେ ଏବିଇଓ ପାର୍ବତୀ ପଣ୍ଡା ମୁଖ୍ୟଅତିଥି, ଅଲ୍ଓଷ୍ଟା ଖଇରା ଶାଖାର ସଭାପତି ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟବକ୍ତା, କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଶତ୍ରୁଘ୍ନ ଦାସ,ଏସ୍ଏମ୍ସି ସଭାପତି ଯୋଗେନ୍ଦ୍ର ମହାକୁଡ,ଶିକ୍ଷକ ନେତା ଶଙ୍କର୍ଷଣ ଜେନା, ସୁଦର୍ଶନ ସେଠୀ ଓ ସୁଶାନ୍ତ କୁମାର ମହାପାତ୍ର,ଜଗନ୍ନାଥ ମହାପାତ୍ର, ଭରତ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ପରେଶ ଦକ୍ଷିଣରାୟ ପତାକା ଉତ୍ତୋଳନ,ରତ୍ନମଣୀ ନାୟକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମହେନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ,ଭିତ୍ତିପ୍ରସ୍ତର ସ୍ଥାପନ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ନୀଳଗିରି ନିୟନ୍ତ୍ରିତ ବଜାର କମିଟି

ନୀଳଗିରି,୧୭।୧୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଯୋଧ୍ୟାଠାରେ ଜାତୀୟ କୃଷି ବଜାର ଇ-ନାମକ କାର୍ଯ୍ୟାଳୟକୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଏହାକୁ ଉଦଘାଟନ କରିଥିଲେ।

ଉତ୍ସବରେ ଓଡ଼ିଶା କୃଷି ପରିଷଦ ଭୁବନେଶ୍ୱର ଡିଜିଏମ୍ ଦମୟନ୍ତୀ ସିଂ, ବାଲେଶ୍ୱର ଉପ-ନିବନ୍ଧକ ବାଲେଶ୍ୱର ସମବାୟ ସମିତି ସମୂହ ଅଧିକାରୀ ସରୋଜିନୀ ନାୟକ, ଜିଲା ପରିଷଦ ସଦସ୍ୟା ରଞ୍ଜିତା ସିଂ, ନୀଳଗିରି ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷା ତଥା ସ୍ଥାନୀୟ ଉପ-ଜିଲାପାଳ ଶୁଭଶ୍ରୀ ରଥ, ସ୍ଥାନୀୟ ସରପଞ୍ଚ ତାରିଣୀ ସିଂ, ସମିତି ସଭ୍ୟା ସୁକଦେବ ସିଂ, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଏମ୍‌ପି ପ୍ରତିନିଧି କରୁଣାକର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷା ତଥା ସ୍ଥାନୀୟ ଉପ-ଜିଲାପାଳ ଶୁଭଶ୍ରୀ ରଥ ଅଧ୍ୟକ୍ଷତା କରିଥିବା ବେଳେ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁକାନ୍ତ ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ସାରା ଦେଶରେ ୧୮ଟି ରାଜ୍ୟରେ ୩୬୦୦ ବ୍ୟବସାୟିକ କ୍ଷେତ୍ରରେ ଇ-ନାମକ ମାଧ୍ୟମରେ ସାମିଲ ହୋଇଥିବା କୃଷିଜାତ ଦ୍ରବ୍ୟରେ ଉଚିତ୍ ମୂଲ୍ୟ ପାଇଁ ଲାଭବାନ ହେବା ସମ୍ପର୍କରେ ଅବଗତ କରାଇଥିଲେ। ଆରଏମ୍‌ସିର ସମ୍ପାଦକ ଧନ୍ୟବାଦ ଦେଇଥିଲେ। ପରେ ନରଣପୁରସ୍ଥିତ ନକୁଳକର ହାଟର ଉନ୍ନତି କରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

## ‘ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ପାଇବ ଭୋଗରାଇ’

ଭୋଗରାଇ,୧୭।୧୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର-ତାଳସାରୀ ବେଳାଭୂମି ଓ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବ ପୀଠ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂ କହିଛନ୍ତି। ଭୋଗରାଇ ଗସ୍ତରେ ଆସି ସଚିବ ସିଂ ତାଳସାରି-ଉଦୟପୁର ପର୍ଯ୍ୟଟନସ୍ଥଳୀ ଅନୁଧ୍ୟାନ କରିବା ପରେ ଉଦୟପୁର ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅତିଥି ଗୃହରେ ବିଭାଗୀୟ ଅଧିକାରୀଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏହି ବୈଠକରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲାପାଳ ପ୍ରଥମେଶ ଅରବିନ୍ଦ ଶିର୍କେ, ବନ ବିଭାଗର ଏସିଏଫ୍ ଜୟଶ୍ରୀ ମୁର୍ମୁ, ସହକାରୀ ବନ୍ୟଜୀବ ବନଖଣ୍ଡ କଞ୍ଜରଭେଟର ସୁଶ୍ରୀ ସଙ୍ଗିତା ସାହୁ, ଏସ୍‌ପି ରାଜ୍ ପ୍ରସାଦ, ପର୍ଯ୍ୟଟନ ସହ ସମ୍ପାଦକ ବିନୋଦ କୁମାର ଜେନା, ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ଉପସ୍ଥିତ ରହି ଭୋଗରାଇ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତି ପ୍ରତି ଧ୍ୟାନ ଦେବା ସହିତ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ବନ ବିଭାଗର ୫୦ ଏକର ଜଙ୍ଗଲ ଜମି ରାଜସ୍ୱ ବିଭାଗକୁ ହସ୍ତାନ୍ତର ଓ ପୂର୍ବ ସରକାରଙ୍କ କାର୍ଯ୍ୟଶୈଳୀର ବିଶେଷ ଭାବେ ସମୀକ୍ଷା କରାଯାଇଥିବା ସୂଚନା ମିଳିଛି।


ସଚିବଙ୍କ ସହିତ ବିଭାଗୀୟ ଅଧିକାରୀ ତାଳସାରୀ-ଉଦୟପୁର ବେଳାଭୂମି ଅନୁଧ୍ୟାନ କରୁଛନ୍ତି।

# ମନମୋହିଲା ନାଟିକା ‘ରେବତୀ’


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବାଲେଶ୍ୱର,୧୭।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସହର ଉପକଣ୍ଠ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ୭୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୋନାଲିସା ପାଣିଗ୍ରାହୀ, ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଅନୁଷ୍ଠାନର ଉପାଧ୍ୟକ୍ଷ କବି ଶ୍ରୀଦେବ, ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମିଶ୍ର ଯୋଗଦେଇ ନେହେରୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାଚା ନେହେରୁଙ୍କ ସମ୍ପର୍କିତ ସଂଗୀତ ପରିବେଷଣ କରାଯାଇଥିଲା। ବ୍ୟାସକବି ଫକୀରମୋହନ ସେନାପତିଙ୍କ ରଚିତ କାଳଜୟୀ ଗଳ୍ପ ‘ରେବତୀ’କୁ ନାଟ୍ୟ ରୂପାନ୍ତର କରାଯାଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା। ଏହି ନାଟିକା ସମସ୍ତଙ୍କୁ ବିମୋହିତ କରିଥିଲା। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ପରିଚାଳନା ମୁଖ୍ୟ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜ୍ଞାନ ପ୍ରକାଶ ପାଣିଗ୍ରାହୀ, ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ଏଚ୍‌ଏଚ୍ ଶ୍ରୀରାମ, ରଜତ ଦାସଅଧିକାରୀ, ରାଜେନ୍ଦ୍ର ପ୍ରସାଦ ଘୋଷ, ପ୍ରଣୀତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ମୋନାଲିସା ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ସୋର,୧୭।୧୧(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ସବିରା ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ଏହି ଜନସମ୍ପର୍କ ପଦଯାତ୍ରା ହୋଇଥିଲା। ୪୪ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ସବିରା ପଞ୍ଚାୟତର କୁଲ୍ହା ଛକଠାରୁ ପଦଯାତ୍ରା ବାହାରି ଜେନା ସାହି ଉଡ଼ାପଡ଼ିଆ ନିକଟର ପହଞ୍ଚିଥିଲା। ସୋର ନଗର ବିଜେଡି ସଭାପତି ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଧଡ଼ାଙ୍କ ସମେତ ଭଦ୍ରକର ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ୪୫ନଂ. ଜୋନ ଜିଲା ପରିଷଦ ସଭ୍ୟ ଜୟରାମ ଦାସ, ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଲିକ, ସବିରା ସରପଞ୍ଚ ରାଜୀବ ରାଉତ, ବଙ୍କେଶ ବେହେରା, ଅଶ୍ୱିନୀ ପଟ୍ଟନାୟକ, ଶଙ୍କର୍ଷଣ ବାରିକ,ପୁଷ୍ପଲତା ଜେନା, ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଯୋଗଦେଇ ବର୍ତ୍ତମାନର ଭାଜପା ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। ଏଥିରେ ୪୪ନଂ. ଜୋନ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସମେତ ଶତାଧିକ ମହିଳା, ଯୁବକ, ଛାତ୍ର ବିଜେଡିର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ୫୦ ମିଟର ତଳକୁ ଖସିଲା ଯାତ୍ରାପାର୍ଟି କାର

ପାଟଣା,୧୭।୧୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଗୋରାସ ପଞ୍ଚାୟତ ହାଟ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଯାତ୍ରାପାର୍ଟି କାର ୫୦ ମିଟର ରାସ୍ତା ତଳକୁ ଖସିପଡ଼ିଛି। କାର୍‌ରେ ଥିବା ୪ କଳାକାର ଗୁରୁତର ହୋଇଛନ୍ତି। ଗୁରୁତର କଳାକାରମାନେ ହେଲେ ପ୍ରଭୁଦତ୍ତ ପରିଜା, ତପନ ଘୋଷ, ନରସିଂହ ନାଏକ ଓ ବିପିନ ବିହାରୀ ପ୍ରଧାନ। ସୂଚନା ଅନୁଯାୟୀ, ପାଟଣା ଥାନା ଅଧୀନ ଗୋରାସରେ ଶନିବାରଠାରୁ ରାଜନନ୍ଦିନୀ ଯାତ୍ରାପାର୍ଟି ତରଫରୁ ଯାତ୍ରା ଆରମ୍ଭ ହୋଇଥିଲା। କଳାକାରମାନେ ରବିବାର ସନ୍ଧ୍ୟାରେ କାର(ଓଡି୦୨ବିଡବ୍ଲ୍ୟୁ-୯୧୪୦) ଯୋଗେ କେଉଁଆଡ଼େ ଯାଉଥିବା ସମୟରେ ହାଟଛକରେ ଭାରସାମ୍ୟ ହରାଇ ୫୦ ମିଟର ରାସ୍ତା ତଳକୁ ଖସି ଓଲଟି ପଡ଼ିଥିଲା। ସ୍ଥାନୀୟ ଯୁବକ ଗୁରୁତରଙ୍କୁ ଉଦ୍ଧାର କରି ମୟୂରଭଞ୍ଜ ଜିଲା କରଞ୍ଜିଆ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମସ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସାହାରପଡ଼ା ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରୁଛି।

## କେନ୍ଦୁଝର ଏକାଦଶକୁ ହରାଇଲା ପ୍ରଗତି ସ୍ପୋର୍ଟିଂ



### ୟୁନିକ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କେନ୍ଦୁଝର,୧୭।୧୧(ଦୀପକ ମିଶ୍ର): କେନ୍ଦୁଝର ଜିଲା କ୍ରିକେଟ୍ ଷ୍ଟାଡ଼ିୟମରେ ରବିବାର ୟୁନିକ୍ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଜିଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା. ଶିବଚରଣ ବାଗ ଓ ବରିଷ୍ଠ କ୍ରିକେଟ୍ ଖେଳାଳୀ ଆଶିଷ ଚକ୍ରବର୍ତ୍ତୀ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କେନ୍ଦୁଝର ଏକାଦଶ ଓ ପ୍ରଗତି ସ୍ପୋର୍ଟିଂ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ପ୍ରଗତି ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୩୩ ଓଭରରେ ୮ ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା। ପ୍ରଗତି ସ୍ପୋର୍ଟିଂ ପକ୍ଷରୁ ପୁରୁଷୋତ୍ତମ ପ୍ରଧାନ ସର୍ବାଧିକ ୮୮ଟି ବଲରୁ ୧୧୯ ରନ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟ ପିଛା କରି କେନ୍ଦୁଝର ଏକାଦଶ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ୧୫୫ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ସମାଜିକକର୍ମୀ ଚିତ୍ତରଞ୍ଜନ ପରିଡ଼ା ଓ ବରିଷ୍ଠ କ୍ରିକେଟର ଗିରିଶ ଚନ୍ଦ୍ର ହୋତା ପ୍ରଗତି ସ୍ପୋର୍ଟିଂର ପୁରୁଷୋତ୍ତମ ପ୍ରଧାନଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ସଡ଼କ ଦୁର୍ଘଟଣାରେ ମୃତାହତଙ୍କ ସ୍ମୃତିରେ ଶୋଭାଯାତ୍ରା

ବଡ଼ବିଲ,୧୭।୧୧(ଦେବପ୍ରିୟ ରଣା)

ବିଶ୍ୱରେ ନଭେମ୍ବର ୧୭କୁ ବିଶ୍ୱ ସଡ଼କ ଦୁର୍ଘଟଣାରେ ମୃତାହତଙ୍କ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ କେନ୍ଦୁଝର ଜିଲା ବଡ଼ବିଲରେ ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଶୋଭାଯାତ୍ରା ସହରର କିରିବୁରୁ ଛକଠାରୁ ଆରମ୍ଭ ହୋଇ ବଜାର ଅଞ୍ଚଳ ଦେଇ ଘଣ୍ଟାଘର ପର୍ଯ୍ୟନ୍ତ ଯାଇଥିଲା। ବଡ଼ବିଲ ପୌର ପାଳିକା ଓ ସେବା ଗ୍ରୁପ ଦ୍ୱାରା ଆୟୋଜିତ ଶୋଭାଯାତ୍ରାରେ ପୌର କମଚାରୀ, ସେବା ଗ୍ରୁପର ସଦସ୍ୟ, ଉସୁ ଆସୋସିଏଶନର ଛାତ୍ରୀଛାତ୍ର, ସ୍ୱଚ୍ଛସାଥୀ ସଦସ୍ୟ, ଅମାନ ଇସଲାମିଆ ସଦସ୍ୟ ଓ ଚିନ୍ତିଆ କମିଟିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସଡ଼କ ଦୁର୍ଘଟଣାରେ ମୃତାହତଙ୍କ ସ୍ମୃତି, ସଡ଼କ ସୁରକ୍ଷା, ସୁରକ୍ଷିତ ଯାନଚାଳନା, ଦୁର୍ଘଟଣାରେ ଶୂନ ମୃତାହତ, ହେଲମେଟ୍ ପିନ୍ଧି ଯାନ ଚାଳନା, ସତର୍କତା ନିୟମ ପାଳନ ସହିତ ପୌରାଞ୍ଚଳରେ ସ୍ୱଚ୍ଛତା ଆଦି ନିମନ୍ତେ ଶୋଭାଯାତ୍ରାରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

## ଗଡ଼ିଲା ଭୋଟର ସଚେତନତା ରଥ

ବାଲେଶ୍ୱର,୧୭।୧୧(ବାଞ୍ଛାନିଧି ଦେ)

ଅଠର ବର୍ଷର କିଶୋରୀ କିଶୋରମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିବା ଓ ଭୋଟ ପରିଚୟପତ୍ରରେ ଥିବା ତ୍ରୁଟିଗୁଡ଼ିକୁ ସଂଶୋଧନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ପ୍ରଶାସନ ଓ ଜିଲା ନିର୍ବାଚନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥ ବାଲେଶ୍ୱର ସହର ଓ ଆଖପାଖ ପଞ୍ଚାୟତ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଦାନ କରିଛି। ବାଲେଶ୍ୱର କଲେକ୍ଟୋରେଟ୍‌ଠାରେ ଶନିବାର ଅପରାହ୍ନରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର (ନିର୍ବାଚନ) ରାଇମତ ଟୁଡୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ଜିଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ ଘଟଣା,୨ ଗିରଫ

ଖଇରା,୧୭।୧୧(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାର ଖଇରା ଥାନା ନନ୍ଦପୁର ଛକ ନିକଟରେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ ଘଟଣାରେ ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ରବିବାର ୨ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୋର ଥାନା ପାଖର ଗ୍ରାମର ସଫିରୁଦ୍ଦିନ ସାହା ଓ ବେଲପୁର ଗ୍ରାମର ଶୈଖ ଆରିଫ। ଏଥିସହ ସେମାନଙ୍କ ନିକଟରୁ ୧୪ହଜାର ଟଙ୍କା ଓ ଏକ ୟାମାହା ମୋଟରସାଇକେଲ ଜବତ କରାଯାଇଛି। ଅନ୍ୟ ଜଣେ ଫେରାର ଥିବା ପୋଲିସ ସୂଚନା ଦେଇ। ଗତ ୭ ତାରିଖରେ ୩ଜଣ ଲୁଟେରା ଏକ ବାଇକ୍‌ରେ ଆସି ଫାଇନାନ୍ସ କର୍ମଚାରୀ ବିଶ୍ୱନାଥ ନାୟକଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ୬୫ ହଜାର ଟଙ୍କା ଲୁଟି ନେଇଥିଲେ।

# ସ୍ୱାସ୍ଥ୍ୟ ସେବା ଶିବିର


ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର,୧୭।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ରାଉତପଡ଼ା ସେବା ସମିତି ଆନୁକୂଲ୍ୟରେ ବାଲେଶ୍ୱର ରୋଟାରୀ କ୍ଲବ ତରଫରୁ ମୋତିଆବିନ୍ଦୁ ଚିହ୍ନଟ, ଦାନ୍ତ ପରୀକ୍ଷା ଓ ଡାଇବେଟିସ୍ ପରୀକ୍ଷା ଜନିତ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଏଆର୍‌ସିଏସ୍ ସୀମା ମୁର୍ମୁ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମବାୟ ସମିତିର ସଭାପତି ଦେବାଶିଷ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ।

ସଭାପତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଏଏଆର୍‌ସିଏସ୍ ଏକାଦଶୀ ଦାସ, ଗୋପବନ୍ଧୁ ଦାସ ଓ ଶମ୍ଭୁନାଥ ନାୟକ, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ବ୍ୟାଙ୍କ ମ୍ୟାନେଜର ତୁଷାରକାନ୍ତି ପାତ୍ର, ଡାଇରେକ୍ଟର ଦେବ କୁମାର ଦେବ, ରୋଟାରୀ କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରବାଳ ସ୍ନିହା, ବିଷ୍ଣୁ ଦାସ କୁଣ୍ଡୁ, ଚନ୍ଦନ କୁମାର ଚାନ୍ଦ, ଏମ୍‌ପି ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ପୂର୍ବତନ ସମିତି ସଭାପତି ହରେନ୍ଦ୍ର କୁମାର ଦାସ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର ଓ ମଦନ ମୋହନ ଯେନା ପ୍ରମୁଖ ଯୋଗଦେଇଥିଲେ। ଶିବିରେ ଶତାଧିକ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଥିଲା। ସମିତି ସମ୍ପାଦକ ସୃଷ୍ଟିଧର ରାଉତ, ସହ-ସମ୍ପାଦକ ତପନ କୁମାର ଦୀକ୍ଷିତ, ଜିତେନ୍ଦ୍ର ଦାସ, କବିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତିର ସମସ୍ତ ଡାଇରେକ୍ଟର ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ଉତ୍ସାହ ଓ ମହକ’

ବାଲେଶ୍ୱର,୧୭।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଭୀମପୁରାସ୍ଥିତ ସ୍ପୋର୍ଟସ୍ ହଷ୍ଟେଲ ପରିସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ଉତ୍ସାହ ଓ ମହକ-୨୦୨୪’ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ରାଜପ୍ରସାଦ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ହୋଇ ଉତ୍ସାହ ଓ ମହକ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ପ୍ରେରଣା ସଦୃଶ ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ଉତ୍ସବ ପରିଚାଳନା କରିଥିଲେ।

### ପାତ୍ରଖୁଣ୍ଟା ଫୁଟବଲ ଟୁର୍ନାମେଣ୍ଟ

# ବଣସାହି କ୍ଲବ ଚାମ୍ପିୟନ

ଖଇରା,୧୭।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଇଥଗଡ଼ିଆ ରଥଗଡ଼ା ପଡ଼ିଆରେ ଆୟୋଜିତ ପାତ୍ରଖୁଣ୍ଟା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବଣସାହିର ବାସୁଳି ଫୁଟବଲ କ୍ଲବ ଦାମୋଦରପୁର ଗ୍ରାମର ମା’ ଥାନପତି କ୍ଲବକୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ସମିତିସଭ୍ୟ ନରୋତ୍ତମ ମହିମା ଜେନା, ଉଦୟ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଅର୍ଜୁନ ପାଇକରାୟ ରେଫେରୀ ଦାୟିତ୍ୱ ତୁଲାଇଥିଲେ। ବମଦେବ ପାତ୍ର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ନରେଶ ଜେନା, ଶୁଭାଶିଷ ଜେନା, ବାବୁଲି ବାରିକ, ବନମାଳୀ ସିଂ, ଶ୍ରବଣ କୁମାର ପାତ୍ର ପରିଚାଳନା କରିଥିଲେ। ମା’ ବାସୁଳି ଯୁବଶକ୍ତି କମିଟିର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ମୁଖ୍ୟଅତିଥି ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

## କାର୍ ଓଲଟି ୬ ଆହତ

ଚମ୍ପୁଆ,୧୭।୧୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ମହେଶ୍ୱରପୁରଠାରେ ରବିବାର ଏକ କାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। କାରରେ ଥିବା ୬ ଜଣ ଆହତ ହୋଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସମସ୍ତେ ସାଙ୍ଗ ହୋଇଥିବା ବେଳେ ଚମ୍ପୁଆ ଓ ଶୀରପୁର ଆଦି ଗ୍ରାମର ବୋଲି ଜଣାପଡିଛି। ମିଶି ଚମ୍ପୁଆରୁ ବାହାରି ରିମୁଳି ଅଭିମୁଖେ ଯାଉଥିଲେ। ମହେଶ୍ୱରପୁର ନିକଟରେ ରାସ୍ତାରେ ଭାରସାମ୍ୟ ହରାଇ କାର ଓଲଟିପଡ଼ିଥିଲା। କାରରେ ଥିବା ସୁଭମ ନାଏକ, ଦିପକ ଦାସ, ସୁଜିତ ସର୍ଦ୍ଦାର, ଯଶୋବନ୍ତ ମହାନ୍ତ, ବିକାଶ ମହାକୁଡ, ଚିନ୍ମୟ ତିରିଆ ଆହତ ହୋଇଥିଲେ। ୪ ଜଣଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚମ୍ପୁଆ ପୋଲିସ ଘଟଣାର ତଦନ୍ତ କରୁଛି।

## ବାହାଦୁରଙ୍କ ମୃତଦେହ ଜବତ

କେନ୍ଦୁଝର,୧୭।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରରେ ଦୀର୍ଘ ୪୦ରୁ୫୦ ବର୍ଷଧରିବୁଲିବିଭିନ୍ନ ଦୋକାନରେ କାମ କରିଆସୁଥିବା ବାହାଦୁରଙ୍କ ମୃତ୍ୟୁ ଘଟିଛି। ମୃତଦେହ ପୌରପାଳିକା ମାର୍କେଟ, ଗାନ୍ଧୀଛକର ଏକ ପରିତ୍ୟକ୍ତ ଘରୁ ପୋଲିସ ରବିବାର ଜବତ କରିଛି। ମୃତ୍ୟୁର ଠିକ କାରଣ ଜଣାପଡିନାହିଁ। ତେବେ ଦୁର୍ଗନ୍ଧ ହେବାରୁ ଲୋକ ପୋଲିସକୁ ସୂଚନା ଦେଇଥିଲେ। ୨ ରୁ ୩ ଦିନ ହେଲା ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସେ କେନ୍ଦୁଝର ସହର ଗାନ୍ଧୀ ଛକ ନିକଟରେ ବିଭିନ୍ନ ଦୋକାନକୁ ପାଣି ବୋହି ପେଟ ପୋଷୁଥିଲେ। କିଛି ବର୍ଷ ହେଲା ବାର୍ଦ୍ଧକ୍ୟତା କାରଣରୁ କାମ କରିପାରୁ ନ ଥିଲେ। ସ୍ଥାନୀୟ ସହୃଦୟ ଲୋକେ ଖାଇବାକୁ ଦେଉଥିଲେ। ଭଲରେ କଥା କହି ପାରୁ ନ ଥିଲେ ହେଁ ତାକୁ ସମସ୍ତେ ଭଲ ପାଉଥିଲେ। ସମସ୍ତେ ତାଙ୍କୁ ବାହାଦୁର ଡାକୁଥିଲେ। ସେ ୫୦ବର୍ଷ କାଳ ସହରରେ କଟାଇଥିଲେ ବି ପ୍ରଶାସନ ପକ୍ଷରୁ ସ୍ଥାୟୀ ଥଇଥାନ କରାଯାଇ ନ ଥିଲା। ଲୋକଙ୍କ ବାରଣ୍ଡା, ଦୋକାନ ଆଗରେ ଶୋଇବାକୁ ବାରଣ କରାଯିବାରୁ ପରିତ୍ୟକ୍ତ ଅବସ୍ଥାରେ ଥିବା ଗାନ୍ଧୀଛକ ମାର୍କେଟରେ ଆଶ୍ରିତ ଥିଲେ। ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ କରିବା ନେଇ ସୂଚନା ମିଳିଛି।

# କେନ୍ଦୁଝରରେ ୧୮୦ ହାତୀ

କେନ୍ଦୁଝର,୧୭।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ସମେତ ରାଜ୍ୟରେ ଚଳିତ ବର୍ଷର ହାତୀଗଣନା ସରିଛି। ହାତୀଗଣନା ଏକ ସଙ୍ଗରେ ହୋଇଥିବା ବେଳେ କେନ୍ଦୁଝରରେ ୮୨ ସେନ୍‌ସସ୍ ୟୁନିଟ ବା ହାତୀଗଣନା ୟୁନିଟ କରାଯାଇ ଗଣତି ହୋଇଥିଲା। ଏବେ ଜିଲାରେ ୧୭୦ ରୁ ୧୮୦ ହାତୀ ଥିବା କୁହାଯାଉଛି। ସୀମାନ୍ତ ବନଖଣ୍ଡ, ବଣେଇ ଡିଭିଜନ ତଥା ଝାଡ଼ଖଣ୍ଡ ରାଜ୍ୟକୁ ରାତିରେ ହାତୀଙ୍କ ଚଳପ୍ରଚଳ ରହୁଛି। ଏଣୁ ସେସବୁର ଗଣନାକୁ ମେଳ କରି ଫାଇନାଲ ସଂଖ୍ୟା ଘୋଷଣା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, କେନ୍ଦୁଝରର ୭ ରେଞ୍ଜରେ ହାତୀ ଚଳପ୍ରଚଳ ସ୍ଥାନ ଚିହ୍ନଟ କରି ୪୪ ମଞ୍ଚା କରାଯାଇଥିଲା। ୨୪୬ ବନ କର୍ମଚାରୀ ଓ ଗଜସାଥୀ,


ରାତିରେ ଥର୍ମାଲ ଡ୍ରୋନ କ୍ୟାମେରାରେ ଉଠିଥିବା ଫଟୋ।

ଜିଆଇ ଏକ୍ସପର୍ଟ, ଡ୍ରୋନ୍ ଅପରେଟର, ବାଇଓଲୋଜିଷ୍ଟ ଗଣନାରେ ସାମିଲ ହୋଇଥିଲେ। ଓୟୁଏଟିରୁ ଶିକ୍ଷା ପାଇଁ ଆସିଥିବା ୫ ଜଣ ଗ୍ରାଜୁଏଟ ଷ୍ଟୁଡେଣ୍ଟ (ଫାଇନାଲ ଇୟର) ସହାୟତା କରିଥିଲେ। ପ୍ରତ୍ୟେକ ୟୁନିଟ୍‌ରେ ଜଣେ ଟିମ୍ ଲିଡର, ୨ ଜଣ ସଦସ୍ୟ ରହି ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ ଏବଂ ଏସିଏଫଙ୍କ ତଦାରଖରେ ଗାଇଡ୍‌ଲାଇନ ଅନୁଯାୟୀ ହାତୀଗଣନା କରିଥିଲେ। ଖରା ଦିନ ଗଣନାରେ କେନ୍ଦୁଝର ବନଖଣ୍ଡରେ ୧୩୫ ହାତୀ ଥିବା ଜଣାପଡ଼ିଥିଲା। ଏବେ ପ୍ରାୟ ୧୭୦ ରୁ ୧୮୦ ହାତୀ ଥିବା କୁହାଯାଉଛି। ସୀମାନ୍ତ ଆନନ୍ଦପୁର, କରଞ୍ଜିଆ, ଢେଙ୍କାନାଳ, ଦେବଗଡ, ବଣେଇ ଡିଭିଜନ ତଥା ଝାଡ଼ଖଣ୍ଡ ରାଜ୍ୟକୁ ରାତିରେ ହାତୀଙ୍କ ଚଳପ୍ରଚଳ ରହୁଛି। ଏଣୁ ସେସବୁର ଗଣନାକୁ ମେଳ କରି ପିସିସିଏଫ, ବନ୍ୟପ୍ରାଣୀ ଅଫିସ ଫାଇନାଲ ସଂଖ୍ୟା ଘୋଷଣା କରିବେ ବୋଲି ବନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଡିଏଫ୍‌ଓ କେନ୍ଦୁଝର ଧନ୍‌ରାଜ ଏଚ.ଡି କହିଛନ୍ତି, ବର୍ଷରେ ୨ ଥର ହାତୀ ଗଣନା ହୋଇଥାଏ। ଖରା ଦିନରେ ଗାଁ ମୁହାଁ କମ ଥାଏ। ଆନ୍ତଃ ଜିଲା ବା ରାଜ୍ୟ ଚଳପ୍ରଚଳ ଅଧିକ ଥାଏ। ଏଣୁ ଶୀତ ଦିନରେ ହାତୀ ଗଣନା ସୁବିଧା ହୋଇଥାଏ। ୨ ସମୟରେ ହାତୀ ଗଣନା ହେଲେ ହାତୀ ସଂଖ୍ୟା ଓ ବାସସ୍ଥଳୀ ଭଲ ଭାବରେ ଜଣାପଡ଼ିବ। ଏହା ଦ୍ୱାରା ବାସସ୍ଥଳିର ଧାରଣ ଶକ୍ତି ଏବଂ ହାତୀ ବସବାସ ନେଇ ତାହାର ହିସାବ ଏଥିରୁ ମିଳିବ। ହାତୀ ମଣିଷ ସଂଘର୍ଷ ରୋକିବା, ହାତୀ ଚଲାପଥର ସୁରକ୍ଷା ପାଇଁ ହାତୀ ଗଣନା କାମରେ ଆସିବ ବୋଲି ଡିଏଫ୍‌ଓ କହିଥିଲେ।

## ବିଦ୍ୟାଳୟ ପରିସରରୁ ଚନ୍ଦନ ଗଛ କାଟିନେଲେ

### ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି

ପାଟଣା,୧୭।୧୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ସର୍ବ ପୁରାତନ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରୁ ଶନିବାର ବିଳମ୍ବିତ ରାତ୍ରିରେ ଚନ୍ଦନ ଗଛ ଚୋରି ହୋଇଛି। ଦୁର୍ବୃତ୍ତ ପୁରୁଣା ଚନ୍ଦନ ଗଛକୁ ମୂଳରୁ କାଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ପାଟଣା ଥାନା ମୁଖ୍ୟାଳୟର ୨ ଶହ ମିଟର ଦୂରରେ ଥିବା ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରୁ ଦୁର୍ବୃତ୍ତ ଗୋଟିଏ ଚନ୍ଦନ ଗଛକୁ କାଟି ନେଇଛନ୍ତି। ଆଉ ଏକ ଚନ୍ଦନ ଗଛକୁ ଅଧା କଟା ଭାବେ ଛାଡ଼ି ଚାଲିଯାଇଛନ୍ତି। ୱାଚ ମ୍ୟାନ ଉଠି ପଡ଼ିବାରୁ ସମ୍ଭବତଃ ଦୁର୍ବୃତ୍ତ ଗଛକୁ ଦର କଟା ଭାବେ ଛାଡ଼ି ଚାଲିଯାଇଥିବା କୁହାଯାଉଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ ରବିବାର ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାଟଣା ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ, ୧୦ ବର୍ଷ ପୂର୍ବେ ଦୁର୍ବୃତ୍ତ ସମାନ ଢଙ୍ଗରେ ପାଟଣା ଅଞ୍ଚଳରୁ ଲୋକଙ୍କ ବାଡ଼ିରୁ ଶତାଧିକ ଚନ୍ଦନ ଗଛ କାଟି ନେଇଥିଲେ। ପୁନର୍ବାର ଚନ୍ଦନ ତସ୍କର ସକ୍ରିୟ ହୋଇଛନ୍ତି। ପୋଲିସ ନାଇଟ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଦାବି ହୋଇଛି।

## ରାଜ୍ୟସ୍ତରୀୟ ‘ସୁରଭି’ରେ ମଞ୍ଜୁଲତା ପ୍ରଥମ

ହାଟଡ଼ିହୀ/ଛେନାପଦି,୧୭।୧୧
(ନିରାକାର ପରିଡ଼ା/ ଶୁଭକାନ୍ତ ନାୟକ)

ରାଜ୍ୟସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମରେ କେନ୍ଦୁଝରର ଜପିଦାସ ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ରମ୍ଭାସର ଦଶମ ଶ୍ରେଣୀ ଛାତ୍ରୀ ମଞ୍ଜୁଲତା ବାରିକ ପ୍ରବନ୍ଧ ଲିଖନରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତାରେ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ମଞ୍ଜୁଲତା ହାଟଡ଼ିହୀ ପଞ୍ଚାୟତ ସମିତି ଅଧୀନ ନୂଆରମ୍ଭାସ ଗ୍ରାମର ବାସିନ୍ଦା। ତାଙ୍କ ବାପା ସୁଶାନ୍ତ କୁମାର ବାରିକ ପୋଲିସ ବିଭାଗରେ କାର୍ଯ୍ୟ କରନ୍ତି ଓ ମାଆ ମମତା ଜଣେ ଗୃହିଣୀ। ତାଙ୍କର ଏହି ସଫଳତା ପାଇଁ ସେ ଗୁରୁଜୀ, ଗୁରୁମା, ପିତାମାତା, ଈଶ୍ୱରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗକୁ ଏହି ସଫଳତା ବଜାୟ ରଖିବା ପାଇଁ ପ୍ରୟାସ କରିବେ ବୋଲି କହିଛନ୍ତି।

## ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଯୋଡ଼ା,୧୭।୧୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଅସେଇଁକଳା ପଞ୍ଚାୟତରେ ଜଣେ ଯୁବତୀଙ୍କୁ ବଳାତ୍କାର ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୋଡ଼ା ଥାନା ଅନ୍ତର୍ଗତ ପୁଟୁଗାଁ ଅଞ୍ଚଳର ବିକାଶ ଓରାମ(୨୧)। ସୂଚନା ଅନୁଯାୟୀ, ଯୁବତୀଙ୍କ ପରିବାର ଚାଉଳରୁ ପ୍ରସ୍ତୁତ ମଦ ବିକ୍ରି କରନ୍ତି। ଗତ ଶୁକ୍ରବାର ଅଭିଯୁକ୍ତ ତାଙ୍କ ଘରକୁ ଆସି ମଦରସି ମାଗିଥିଲେ। ଘରେ କେହି ନ ଥିବାରୁ ଯୁବତୀ ମଦ ନ ଥିବା କହି ଫେରାଇ ଦେଇଥିଲେ। ବିକାଶ ଘରେ ପଶି ଯୁବତୀଙ୍କୁ ବଳାତ୍କାର କରିଥିଲେ। ପାଟି ଶୁଣି ଘରେ ଶୋଇଥିବା ଯୁବତୀଙ୍କ ସାନ ଭାଇ ଉଠି ପଡ଼ିବାରୁ ଅଭିଯୁକ୍ତ ଖସି ପଳାଇଥିଲେ। ପୀଡ଼ିତା ଶନିବାର ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ. ୨୯୭/୨୦୨୪)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଅସୁରକ୍ଷିତ ଅବସ୍ଥାରେ ୧୩୨ କେଭି ବିଦ୍ୟୁତ୍ ଖୁଣ୍ଟ



ରାମଚନ୍ଦ୍ରପୁର,୧୭।୧୧ (ଗଣେଶ୍ୱର ସା)

### ବେଆଇନ ଭାବେ ବାଲି ଖୋଳି ନେଇଗଲେ

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାସ୍ଥିତ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃର ୧୩୨ କେଭି ବିଶିଷ୍ଟ ବିଦ୍ୟୁତ୍ ଖୁଣ୍ଟ ଅସୁରକ୍ଷିତ ଅବସ୍ଥାରେ ରହିଛି। ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବେଲବାହାଳି ନିକଟ କୁସେଇ ନଦୀର ପାର୍ଶ୍ୱରେ ଥିବା ବିଦ୍ୟୁତ ଖୁଣ୍ଟ ପାଖରୁ ବେଆଇନ ଭାବେ ବାଲି ଖୋଳାଯାଇ ଚାଲାଣ ହେଉଛି। ଫଳରେ କୌଣସି ସମୟରେ ଖୁଣ୍ଟ ଉପୁଡ଼ି ପଡ଼ିବା ଆଶଙ୍କା କରାଯାଉଛି।

ସୂଚନାଯୋଗ୍ୟ, ଆନନ୍ଦପୁର ତହସିଲ ଅଧୀନ ବିଭିନ୍ନ ନଦୀ ତଥା କୁସେଇ ନଦୀର ବିଭିନ୍ନ ବାଲି ଘାଟରୁ ବେଆଇନ ଭାବରେ ବାଲି ଚୋରାଚାଲାଣ ହେଉଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଆନନ୍ଦପୁର ବ୍ଲକ୍ କୁସେଇ ନଦୀର କୌଣସି ଘାଟକୁ ଟେଣ୍ଡର ଦିଆଯାଇ ନ ଥିଲେ ବି ମାଫିଆ ବାଲି ଖୋଳି ଚାଲାଣ କରୁଛନ୍ତି। ନଦୀରୁ ଚୋରା ବାଲି ଚାଲାଣ ଯୋଗୁ ୩୨ କେବି ବିଦ୍ୟୁତ୍ ଖୁଣ୍ଟ ମୂଳ ଖାଇଗଲାଣି। ଦିନରେ ବାଲି ଉତ୍ତୋଳନ କରି ଗଦା କରାଯାଇ ରାତିରେ ହାଇୱାରେ ଚାଲାଣ କରାଯାଉଛି। ଗତ ବୁଧବାର ଅପରାହ୍ନରେ ଶାଳପଡ଼ାସ୍ଥିତ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟ ମୂଳରୁ ଖୋଳି ନେଉଥିବା ସ୍ଥାନ ପରିଦର୍ଶନ କରିଥିଲେ। ବିଭାଗର ଅଧିକାରୀ ଦିବେସ କୁମାର ସାହୁ କହିଛନ୍ତି, ଖଣି ବିଭାଗକୁ ଏନେଇ ଲିଖିତ ଭାବେ ଜଣାଇ ଦିଆଯାଇଛି।

## ୮ ଆଇରନ ବୋଝେଇ ଟ୍ରକ୍ ଅଟକ

ବଉଳା,୧୭।୧୧( ଦୁର୍ଗା ପ୍ରସାଦ ଆୟଚ )

କେନ୍ଦୁଝର ଜିଲା ନନ୍ଦିପଦା ପୋଲିସ ୮ ଆଇରନ ବୋଝେଇ ଟ୍ରକ୍ ଜବତ କରିଛି। ଭଦ୍ରକ-ଆନନ୍ଦପୁର ରାସ୍ତାରେ ଆଇରନ ବୋଝେଇ ଗାଡ଼ି ଯିବାପାଇଁ ଅନୁମତି ନାହିଁ। ଉକ୍ତ ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକରୁ ପୋଲିସ ୧୦ ହଜାର ଲେଖାଏ ଜରିମାନା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କେନ୍ଦୁଝର ଓ ଯୋଡ଼ା ଅଞ୍ଚଳରୁ ଆଇରନ ବୋଝେଇ ଟ୍ରକ୍‌ଗୁଡ଼ିକ ଆନନ୍ଦପୁର-ଯାଜପୁର ଦେଇ ପାଣିକୋଇଲି ଜାତୀୟ ରାଜପଥ ରାସ୍ତାରେ ଯାତାୟତ ପାଇଁ ଅନୁମତି ରହିଛି। ମାତ୍ର କିଛି ଆଇରନ ବୋଝେଇ ଗାଡ଼ି ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ହାଟଡ଼ିହୀ ରାସ୍ତା ଦେଇ ଯାତାୟାତ କରୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାକୁ ନେଇ ନନ୍ଦିପଦା ପୋଲିସ ଶନିବାର ରାତିରେ ଉକ୍ତ ରାସ୍ତାରେ ଯାଉଥିବା ଟ୍ରକଗୁଡ଼ିକୁ ଅଟକ ରଖିଥିଲା। ରଙ୍ଗ୍‌ରୁଟ୍‌ରେ ଯାଉଥିବାରୁ ଗାଡ଼ିଗୁଡ଼ିକରୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରି ଛାଡ଼ିଥିଲା। ଥାନା ଅଧିକାରୀ ରବିନ୍ଦ୍ର ପାତ୍ର କହିଛନ୍ତି, ଆଇରନ ବୋଝେଇ ଗାଡ଼ିଗୁଡ଼ିକ ଭଦ୍ରକ-ଆନନ୍ଦପୁର ରାସ୍ତାରେ ଯିବାପାଇଁ ଅନୁମତି ନାହିଁ। ଉକ୍ତ ରାସ୍ତାରେ ଯାଉଥିବା ୮ ଗାଡ଼ିକୁ ଅଟକ ରଖାଯାଇ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିବା କହିଥିଲେ।



## ରକ୍ତଦାନ ଶିବିର

ଗୋପବନ୍ଧୁ ନଗର,୧୭।୧୧ (ଶାନ୍ତନୁ କୁମାର ମଡୁଆଲ)- ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ଆରପଟା ପଞ୍ଚାୟତର ଦାଉଁଡିଆ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ଯୁବ କଲ୍ୟାଣ ପରିଷଦ ଓ ଉଦଳା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଉଦଳା ବିଧାୟକ ଭାସ୍କର ମଢ଼େଇ ଉଦ୍‌ଘାଟନ କରିଥିଲେ। ଉଦଳା ରକ୍ତଭଣ୍ଡାରର ଡା. ଖଗେଶ୍ୱର ସିଂହ, ଅଭିନ୍ନ ସୁନ୍ଦର ନାଏକ, ଶ୍ରବଣ କୁମାର ବେହେରା, କମଳ କୁମାର ନାଏକ, ପ୍ରଦୀପ ଦଳେଇ, ଭଗବାନ ବେହେରା ପ୍ରମୁଖ ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଅନୁଷ୍ଠାନର ସଭାପତି ଯୋଗେଶ୍ୱର ସାହୁ, ଜୟନ୍ତ କୁମାର ମୁଦୁଲି, ଭାଗବତ ବିଶ୍ୱାଳ, ହିତେଶ ରଞ୍ଜନ କର, ପ୍ରଦୀପ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## ଅତିରିକ୍ତ ଏସ୍‌ପିଙ୍କ କାର୍ଯ୍ୟଭାର ଗ୍ରହଣ



ରାଇରଙ୍ଗପୁର,୧୭।୧୧(ମାନସ ମହାନ୍ତି) ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଅତିରିକ୍ତ ଏସ୍‌ପି ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ବେଳେ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି କାର୍ଯ୍ୟାଳୟରେ ନାରାୟଣ ନାୟକ ରବିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ଅତିରିକ୍ତ ଏସ୍‌ପି ପୂର୍ବରୁ ନର୍ଥ ରେଞ୍ଜ ସମ୍ବଲପୁରସ୍ଥିତ ପୋଲିସ ଆଇଜି କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟଭାର ଗ୍ରହଣ ପରେ ଅତିରିକ୍ତ ଏସପି ନାୟକ ରାଇରଙ୍ଗପୁର ସର୍କଲ ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀଙ୍କ ସହ ରାଇରଙ୍ଗପୁର ପୋଲିସ ସର୍କଲ ଅଞ୍ଚଳର ଆଇନଶୃଙ୍ଖଳା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ରାଇରଙ୍ଗପୁର ଓ କରଞ୍ଜିଆ ସମେତ ୨ ଗୋଟି ପୋଲିସ ସର୍କଲ ଅଞ୍ଚଳରେ ଆଇନ ଶୃଙ୍ଖଳାତା ଏବଂ ସୁରକ୍ଷା ଦିଗରେ ଗୁରୁତ୍ୱ ଦେବା ସହ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ।

# ‘ଫାର୍ମାସିଷ୍ଟ ଓଡ଼ିଶା ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ’

### ଜାତୀୟ ଫାର୍ମାସୀ ସପ୍ତାହ

ବାରିପଦା,୧୭।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ଫାର୍ମାସୀ ସେବା ସଂଘ ମୟୂରଭଞ୍ଜ ଜିଲା ଶାଖା ତରଫରୁ ୬୩ତମ ଜାତୀୟ ଫାର୍ମାସୀ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରାଲିକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡା. ବିଜୟ କୁମାର ଦାଶ ଏବଂ ମୟୁରଭଞ୍ଜ ମେଡିକାଲ ଏକାଡେମରୀର ଅଧ୍ୟକ୍ଷ ଅଶୋକ ଦ୍ୱାରି ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସିମାନ୍ତ ଫାର୍ମାସୀ କଲେଜ ଏବଂ ମୟୂରଭଞ୍ଜ ମେଡିକାଲ ଏକାଡେମୀର ଛାତ୍ରୀଛାତ୍ର ଏବଂ ମୟୂରଭଞ୍ଜ ଫାର୍ମାସୀ ଅଫିସର ସଂଘର ମିଳିତ ଆନୁକୂଲ୍ୟରେ ଏକ ରାଲି ସହର ପରିକ୍ରମା କରିଥିଲା। ଶେଷରେ



ଫାର୍ମାସୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଜିଲାମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ସଂଘ ସଭାପତି ଚିନ୍ମୟ ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅନୁଗୋଳ ଜିଲାର ସିଡିଏମ୍‌ଓ ଡା. ଶିବାନନ୍ଦ ମହାନ୍ତି, ସମ୍ମାନିତ ଅତିଥିଭାବେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଦାଶ, ସିନିୟର ମେଡିସିନ ସ୍ପେଶାଲିଷ୍ଟ ଡା ନିହାର ରଞ୍ଜନ ଦାଶ, ମୟୂରଭଞ୍ଜ ମେଡିକାଲ ଏକାଡେମୀର ଅଧକ୍ଷ ଅଶୋକ ଦ୍ୱାରି, ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ, ଡିପିଏମ ବିଶ୍ୱରଞ୍ଜନ ରାଉତ, ସିନିୟର ଫାର୍ମାସୀ ଅଫିସର ଶୁଶାନ୍ତ ବାଗ ଏବଂ ସିନିୟର ଫାର୍ମାସିଷ୍ଟ ଅଜିତ ବେହେରା ଯୋଗଦେଇ ଫାର୍ମାସିଷ୍ଟମାନେ ଓଡ଼ିଶା ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ ବୋଲି ମତବକ୍ତ କରିଥିଲେ। ଶେଷରେ ଫାର୍ମାସୀ ବିଷୟରେ ଆଲୋକପାତ କରି ଫାର୍ମାସିଷ୍ଟମାନଙ୍କ ଛଡ଼ା କୌଣସି ଅଣତାଲିମ ପ୍ରାପ୍ତ ବ୍ୟକ୍ତିଙ୍କଠାରୁ ଔଷଧ ସେବନ କରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଥିଲେ। ସଭାରେ ରୂପ ନାରାୟଣ ପ୍ରତିହାରୀ ଏବଂ ସ୍ୱର୍ଣ୍ଣଲକ୍ଷ୍ମୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଫାର୍ମାସୀ ଅଫିସର ତପନ କଲିଆ, ସିମା ସେଠୀ, ଦେବାଶିଷ ନାଏକ, ରଶ୍ମୀରଞ୍ଜନ ଦାଶ, ମାଣିକଲାଲ ଘୋଷ, ରବିନାରାୟଣ ଭଞ୍ଜ, ବନଲତା ବାରିକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ୨୯ରେ ଆନ୍ତଃମହାବିଦ୍ୟାଳୟସ୍ତରୀୟ ଅଭିନୟ ପ୍ରତିଯୋଗିତା

ବାରିପଦା,୧୭।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ରୂପାନ୍ତର ପକ୍ଷରୁ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଚଳିତ ନଭେମ୍ବର ୨୯ ତାରିଖରେ ସ୍ଥାନୀୟ ସହିଦ ସ୍ମୃତି ଭବନଠାରେ ଦି ହିଡେନ ଷ୍ଟାର୍-୨୪ ନାମରେ ଏକ ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟସ୍ତରୀୟସ୍ତରୀୟ ଅଭିନୟ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ମଞ୍ଚ ଅଭିନୟ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଉତ୍ସାହ ଜାଗରଣ କରାଇବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ପରେଶ ସାହୁ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ମୟୂରଭଞ୍ଜର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ନାତକୋତ୍ତର ତଥା ମେଡିକାଲ ଏବଂ ବିଭିନ୍ନ ଇଞ୍ଜିନିୟରିଂ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିପାରିବେ। ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରକାରର ପ୍ରାୟୋଜିତ ପୁରସ୍କାର, ଆକର୍ଷଣୀୟ ଅର୍ଥରାଶି, ଟ୍ରଫି ଏବଂ ପ୍ରମାଣପତ୍ର ପୁରସ୍କାର ସ୍ୱରୂପ ରଖାଯାଇଛି। ଏଥି ନିମିତ୍ତ ପ୍ରତ୍ୟେକ ଅନୁଷ୍ଠାନକୁ ପ୍ରତିଯୋଗିତାର ନିୟମାବଳୀ ଏବଂ ପ୍ରବେଶିକା ଫର୍ମ ପଞ୍ଜିକୃତ ଡାକ ଜରିଆରେ ପଠାଇ ଦିଆଯାଇଛି। ଇଚ୍ଛୁକ ଛାତ୍ରୀଛାତ୍ର ନିଜ ନିଜ ଶିକ୍ଷା ଅନୁଷ୍ଠାନର ମୁଖ୍ୟଙ୍କ ନିକଟରୁ ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇପାରିବେ ଅଥବା ଆମ ଅନୁଷ୍ଠାନର ନିର୍ଦ୍ଦେଶକଙ୍କୁ ଯୋଗାଯୋଗ କରି ଜାଣିପାରିବେ। ପୁରସ୍କାର ବିତରଣୀ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ନିମିତ୍ତ ସ୍ଥାନୀୟ ହରିହର କଳା ମନ୍ଦିର ଦ୍ୱାରା ଓଡ଼ିଶୀ, ବିହୁ, ଝୁମର ନୃତ୍ୟ ଏବଂ ରୂପାନ୍ତର ଅନୁଷ୍ଠାନ ଦ୍ୱାରା ଏକ ସମ୍ପୂର୍ଣ୍ଣ ହାସ୍ୟ ରସାତ୍ମକ ନାଟକ ପରିବେଷଣ କରାଯିବ। ନାଟକଟିକୁ ନାଟ୍ୟକାର ଡଃ ପ୍ରଦୀପ ଭୌମିକ ରଚନା କରିଥିବା ବେଳେ ସତ୍ୟନାରାୟଣ ଦାସ ନିର୍ଦ୍ଦେଶନା ଦେଇଛନ୍ତି। ବହୁ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମିତ୍ତ ଅନୁଷ୍ଠାନର ଅଧ୍ୟକ୍ଷ ବିରେନ୍ଦ୍ର ନାଥ ସାହୁ, ଉପାଧ୍ୟକ୍ଷା ଡଃ ଦମୟନ୍ତୀ ବେଶ୍ରା ଏବଂ ନିର୍ଦ୍ଦେଶକ ପରେଶ ସାହୁ ଅନୁରୋଧ କରିଛନ୍ତି।

# ଜୁନିୟର ସୋଲୋ, ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା

### ଭଞ୍ଜପୁର ଜଗଦ୍ଧାତ୍ରୀମେଳାର ପଞ୍ଚମ ସନ୍ଧ୍ୟା


ମଞ୍ଚରେ ଉପସ୍ଥିତି ଅତିଥି ଓ କମିଟି ସଦସ୍ୟମାନେ।

ବାରିପଦା,୧୭।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ପଞ୍ଚମ ସନ୍ଧ୍ୟାରେ ଜୁନିୟର ସୋଲୋ ଓ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା ବେଶ ଆକର୍ଷଣୀୟ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଜି କିରଣ ତେଜସ୍ୱନୀ, ଆର୍ଯ୍ୟନ ଦାସ ଓ କିରଞ୍ଜିତ ବାଗ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତାରେ ପ୍ରଭୁରଞ୍ଜନ ବେହେରା, ସାଇ କ୍ରିଷ୍ଣା ଚାନ୍ଦ ଓ ମଧୁସ୍ମିତା ଗିରି ଏବଂ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନରେ ମନ୍ମୟ ସେଠୀ, ରୂପଶ୍ରୀ ମହାରଣା ଓ ତନୀଷା ଗିରିଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଓ ସମ୍ମାନୀୟା ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ମେଳା ଉପାଧ୍ୟକ୍ଷ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ସାଂସ୍କୃତିକ ସମ୍ପାଦକ ପ୍ରୀତମ ପଣ୍ଡା ଉପସ୍ଥିତ ଥିଲେ। ତତସହିତ ବିଚାରକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସ୍ନେହାଶ୍ରୀ ସାଲୋନୀ ସିଂହ, ଆଞ୍ଚଲ ପଣ୍ଡା ଓ ଅଭିଲିପ୍ସା ଦାସ ମଞ୍ଚ ପରିଚାଳନା କରିଥିଲେ। ସୋମବାର ସିନିୟର ସୋଲୋ ଓ ଡୁଏଟ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି।

## ୫୩ ୟୁନିଟ୍ ରକ୍ତ ସଂଗୃହୀତ

ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ପଞ୍ଚମ ଦିନ ପୂର୍ବାହ୍ନରେ ମେଳା ପଡ଼ିଆରେ କମିଟି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୧୦ ଜଣ ମହିଳା ସମେତ ୫୩ ଜଣ ରକ୍ତଦାନ କରିଥିଲେ। ଶିବିରକୁ ପୂର୍ବତନ ମନ୍ତ୍ରୀ ତଥା ପୂଜା କମିଟି ଅଧକ୍ଷ ସୁଦାମ ମାର୍ଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ବ୍ଲକ୍ ଅଧକ୍ଷ ସୁନ୍ଦର ମୋହନ ସିଂ, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ସମାଜସେବୀ ଅରୁଣ ସରକାର, ପୂର୍ବତନ କାଉନ୍‌ସିଲର ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅମର ସେଠୀ, ସଦସ୍ୟ ଧୀରେନ୍ଦ୍ର ନାୟକ, ସପନ ପଣ୍ଡା, ବେଣୁଧର ମହାନ୍ତ, ସମଦତ୍ତ ଦାସ, ଦେବଦତ୍ତ ଦାସ, ପ୍ରିତମ ପଣ୍ଡା ଓ ପ୍ରସନ୍ନଜିତ ମହାନ୍ତି ସହାୟତା କରିଥିଲେ। ବାରିପଦା ରକ୍ତ ଭଣ୍ଡାରର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ରୁଚିକା ଖୁରାନା, ଶକୁନ୍ତଳା ମହାନ୍ତ, ପାର୍ଥସାରଥୀ ମହାନ୍ତ ଓ ଛବିରାଣୀ ମହାନ୍ତ ରକ୍ତ ସଂଗ୍ରହ କରିଥିଲେ।

## ଅଟୋ-ବୁଲେଟ୍ ମୁହାଁମୁହିଁ, ଜଣେ ମୃତ

କରଞ୍ଜିଆ,୧୭।୧୧(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ସନଦେଉଳି ଗ୍ରାମ ନିକଟରେ ଏକ ଅଟୋ ଓ ବୁଲେଟ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ବୁଲେଟ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ କରଞ୍ଜିଆ ଥାନା ଘୋଷଦା ଗ୍ରାମର ପାଣ୍ଡ ମାଝୀ ଙ୍କ ପୁଅ ଯତନ ମାଝୀ। ଅଟୋରେ ଯାଉଥିବା ୩ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅପରାହ୍ନ ୩ ଟା ସମୟରେ ଏକ ଅଟୋ ଯୋଗେ କରଞ୍ଜିଆ ବ୍ଲକ୍ ପିଙ୍ଗୁ ଗ୍ରାମରୁ ଗୋଟିଏ ପରିବାରର ଶାଶୁ, ବୋହୂ ଓ ପୁଅ କରଞ୍ଜିଆ ପଟକୁ ଆସୁଥିଲେ। ଯତନ କରଞ୍ଜିଆ ପଟୁ ଚଢ଼େଇଭୋଳ ପଟକୁ ନିଜ ଗ୍ରାମ ଘୋଷଦାକୁ ବୁଲେଟରେ ଯାଉଥିଲେ। ସନଦେଉଳି ଗ୍ରାମ ନିକଟରେ ଅଟୋ ସହ ବୁଲେଟ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବୁଲେଟ ଅଟୋ ସହିତ ଧକ୍କା ହେବା ପରେ ନିକଟରେ ଥିବା ଗଛରେ ପିଟି ହୋଇଥିଲା। ଫଳରେ ଯତନଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇ ପ୍ରବଳ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଅଟୋରେ ଥିବା ପିଙ୍ଗୁ ଗ୍ରାମର ଲିମା ନାଏକ, ତାଙ୍କ ଶାଶୁ ଅହଲ୍ୟା ନାଏକ, ସ୍ୱାମୀ ଲଳିତ ନାଏକ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କରଞ୍ଜିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି।

